

ବରିଷ୍ଠ ସାମ୍ବାଦିକଙ୍କ ବୈଠକ, ପେନସନ ଦାବି



ସମ୍ବଲପୁର(ଭାସ୍କର ନ୍ୟୁଜ୍): ଓଡିଶା ବରିଷ୍ଠ ସାମ୍ବାଦିକ ସଂଘର ଆହ୍ୱାନ କ୍ରମେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ସହଯୋଗରେ ସାମ୍ବାଦିକ ଭବନରେ ବରିଷ୍ଠ ସାମ୍ବାଦିକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବାର୍ଷିଆନ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବୈଠକରେ ଦେବଗଡ଼ ଜିଲ୍ଲାର ବହୁ ସଂଖ୍ୟାରେ ସାମ୍ବାଦିକ ଯୋଗ ଦେଇଥିଲେ। ଏହି ବୈଠକରେ ଓଡିଶା ବରିଷ୍ଠ ସାମ୍ବାଦିକ ସଂଘର ସଭାପତି କାହ୍ନୁ ଚରଣ ନନ୍ଦ, ଉପସଭାପତି ପ୍ରଦୀପ୍ତ ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ବରିଷ୍ଠ ଉପଦେଷ୍ଟା ଦେବେନ୍ଦ୍ର ସିଂହ, ସାଙ୍ଗଠନିକ ସମ୍ପାଦକ ବିପ୍ଳବ ମହାନ୍ତି, ରାଜ୍ୟକାରିଣୀ ସଦସ୍ୟ ଦିପ୍ତିମୟୀ କର, ଅମରେଶ୍ୱର ଦାସ,କୁନ୍ତଳା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ, ବରିଷ୍ଠ ସାମ୍ବାଦିକ ମାନଙ୍କ ପାଇଁ ପେନସନ ବ୍ୟବସ୍ଥା ହେବା କେତେ ଜରୁରୀ, ସେ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲା ସାମ୍ବାଦିକ ସଂଘର ଉପସଭାପତି କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।ଏହି ବୈଠକରେ ଗୋରେଖନାଥ ସାହୁ, ହେମନ୍ତ କୁମାର ମହାପାତ୍ର, ରମାକାନ୍ତ ବିଶ୍ୱାଳ,ରାଜାରାମ ପାଢ଼ୀ, ଶିବଶଙ୍କର ନନ୍ଦ, ସୁକାନ୍ତ କର, ସବିତା ମିଶ୍ର, ଅମରେଶ୍ୱର ଦାସ, ବ୍ରଜମୋହନ ଦାନି, ଦିପ୍ତିମୟୀ କର, ମେଘନାଦ ସାହୁ, କୁନ୍ତଳା ବେହେରା, ମନୋରଞ୍ଜନ ପଟ୍ଟନାୟକ, ସ୍ୱୟଂଭୂ ନାଥ ଖଣ୍ଡଗିରି, ହରିହର ନାଥ, ଜୀବନ ମହାନ୍ତି, ଲକ୍ଷ୍ମୀକାନ୍ତ ପଣ୍ଡା, ଦୀପକ କୁମାର ପଣ୍ଡା, ଦେବାନନ୍ଦ ପ୍ରଧାନ, ପ୍ରତ୍ୟୁଷ କାନ୍ତ ପ୍ରଧାନ, ସମେତ ଅନେକ ବରିଷ୍ଠ ସାମ୍ବାଦିକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହ ନିଜସ୍ୱ ମତ ଦେଇଥିଲେ। ଏହି ବୈଠକରେ ରାଜ୍ୟରେ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ନକରାଯିବା ନେଇ ତୀବ୍ର କ୍ଷୋଭ ପ୍ରକାଶ ପାଇଥିଲା। ଭାରତର ୧୯ଟି ରାଜ୍ୟରେ ବରିଷ୍ଠ ସାମ୍ବାଦିକ ମାନଙ୍କୁ ପେନସନ ଦିଆ ଯାଉଥିବା ବେଳେ ଓଡ଼ିଶାରେ ଏପର୍ଯ୍ୟନ୍ତ ଏହା ଲାଗୁ ନହେବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସାମ୍ବାଦିକ ମାନେ ପ୍ରକାଶ କରିଛନ୍ତି ।ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିରୋଧୀ ଦଳରେ ଥିବା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ସାମ୍ବାଦିକଙ୍କ ପେନସନ ଦାବି କରିଥିଲେ, କିନ୍ତୁ ଏବେ ନିଜେ ମୁଖ୍ୟମନ୍ତ୍ରୀ ହେବା ପରେ ୨ ବର୍ଷ ବିତିଗଲା ପରେ ବି କିଛି ପଦକ୍ଷେପ ନିଆଯାଇ ନଥିବା ଦୁର୍ଭାଗ୍ୟର ବିଷୟ ବୋଲି ବକ୍ତାମାନେ ମତ ଦେଇଥିଲେ। ରାଜ୍ୟରେ ବିଜେପି ସରକାର ଶାସନରେ ଆସିଲା ପରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସାକ୍ଷାତ କରି ଏହି ଦାବୀ ଉପସ୍ଥାପନ କରାଯାଇଥିଲା ।ସେହି ସମୟରେ ୩ ବର୍ଷ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ରାଜ୍ୟ ସଭାପତି ନନ୍ଦ କହିଥିଲେ ଯେ, ଯେହେତୁ ପୂର୍ବରୁ ଓଡିଶାର ହାଇକୋର୍ଟ ଏହା ଉପରେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ସେହି ଦୃଷ୍ଟିରୁ ରାଜ୍ୟ ସରକାର ଏହାକୁ ଅନୁପାଳନ କରି ଓଡିଶା ପ୍ରଦେଶ ରେ ବରିଷ୍ଠ ସାମ୍ବାଦିକଙ୍କ ପାଇଁ ପେନସନ ଲାଗୁ କରାଯାଉ। ଯଦ୍ୱାରା, ଦୁର୍ଦିନ ଅବସ୍ଥାରେ ଗତି କରିଥିବା ବାର୍ଦ୍ଧକ୍ୟ ଜୀବନରେ ସାମ୍ବାଦିକମାନେ ଉପକୃତ ହେବେ।

ପଞ୍ଚାୟତରେ ପୋଖରୀ ନିଲାମକୁ ନେଇ ଅସନ୍ତୋଷ, ପୁନଃ ନିଲାମ ଦାବି



ହିଞ୍ଜିଳିକାଟୁ(ଭାସ୍କର ନ୍ୟୁଜ୍): ହିଞ୍ଜିଳି ବ୍ଲକ୍ ଅନ୍ତର୍ଗତ ଭାବନ୍ଧ ପଞ୍ଚାୟତରେ ପୋଖରୀ ନିଲାମ ପ୍ରକ୍ରିୟାକୁ ନେଇ ଆଜି ତୀବ୍ର ଅସନ୍ତୋଷ ଓ ବିବାଦ ଦେଖା ଦେଇଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ନିଲାମ କରାଯାଇଥିବା ଏବଂ ନିଲାମ ପ୍ରକ୍ରିୟାରେ ସମସ୍ତ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ନଥିବା ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ପଞ୍ଚାୟତ ପକ୍ଷରୁ ଦାଣ୍ଡୁରା ମାଧ୍ୟମରେ ପୋଖରୀ ନିଲାମ ପାଇଁ ମଧ୍ୟାହ୍ନ ୨ଟା ସମୟ ଘୋଷଣା କରାଯାଇଥିଲା। ତେବେ ଅଭିଯୋଗ ଅନୁଯାୟୀ, ନିର୍ଦ୍ଧାରିତ ସମୟର ପ୍ରାୟ ଏକ ଘଣ୍ଟା ପୂର୍ବରୁ, ଅର୍ଥାତ୍ ଦିନ ୧ଟା ସମୟରେ ପଞ୍ଚାୟତ ସଭାଗୃହରେ ନିଲାମ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ନିଲାମ ସମୟରେ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ହିଞ୍ଜିଳିକାଟୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଜାରି ଚିଠି ନଂ-୨୮୫୫, ତାରିଖ ୧୪/୦୮/୨୦୨୬ରେ ପୋଖରୀ ନିଲାମ ସମୟରେ ଆଇ.ପି.ଓ. ଶ୍ରୀ ପ୍ରିୟାଂଶୁ ପଟ୍ଟନାୟକଙ୍କ ଉପସ୍ଥିତି ରହିବା ନେଇ ଉଲ୍ଲେଖ ଥିବା ଦାବି କରାଯାଇଛି। କିନ୍ତୁ ଆଜିର ନିଲାମ ସଭାରେ ସେ ଉପସ୍ଥିତ ନଥିବା ନେଇ ଅଭିଯୋଗ ଉଠିଛି। ଏହାକୁ ନେଇ ନିଲାମ ପ୍ରକ୍ରିୟାର ବୈଧତା ଓ ସ୍ୱଚ୍ଛତା ଉପରେ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସମିତି ସଭ୍ୟା ପ୍ରତିନିଧି ଶ୍ରୀ ପ୍ରେମାନନ୍ଦ ନାହାକଙ୍କ ସମେତ ଅନେକ ସ୍ଥାନୀୟ ବାସିନ୍ଦା ଘଟଣାରେ ଆପତ୍ତି ଉଠାଇଛନ୍ତି। ନିଲାମରେ ଭାଗ ନେବା ପାଇଁ ଆସିଥିବା କିଛି ବ୍ୟକ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ନିଲାମ ସରିଯାଇଥିବାରୁ ସେମାନେ ଭାଗ ନେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିବା ବେଳେ ନିଲାମରେ ଭାଗ ନେବାରୁ ବଞ୍ଚିତ ବ୍ୟକ୍ତିମାନେ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ବିବାଦୀୟ ନିଲାମକୁ ରଦ୍ଦ କରି ସ୍ୱଚ୍ଛ, ନିରପେକ୍ଷ ଓ ନିୟମସଙ୍ଗତ ଭାବେ ପୁନଃ ନିଲାମ କରିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ପୁନଃ ନିଲାମ ସମୟରେ ସମ୍ପୃକ୍ତ ପଞ୍ଚାୟତ ଅଧିକାରୀ, ସରପଞ୍ଚ ଏବଂ ପଞ୍ଚାୟତ ସମିତି ପକ୍ଷରୁ ନିଯୁକ୍ତ ଆଇପିଓ ପ୍ରିୟାଂଶୁ ପଟ୍ଟନାୟକଙ୍କ ଉପସ୍ଥିତି ସୁନିଶ୍ଚିତ କରିବାକୁ ମଧ୍ୟ ଦାବି ହୋଇଛି। ଏହି ଘଟଣାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ କାହିଁକି ତରବରିଆ ଭାବେ ନିଲାମ କରାଗଲା, ଏହା ପଛରେ କୌଣସି ବ୍ୟକ୍ତିଙ୍କର ନିର୍ଦ୍ଦେଶ ଥିଲା କି ନା କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପ ଥିଲା ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି।

ଭଦ୍ରକ ଜିଲ୍ଲାରେ ଏସ୍‌ଆଇଆର ପ୍ରକ୍ରିୟାରେ ଅଗ୍ରଗତି

ଭଦ୍ରକ(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର)-୨୦୨୬ ପ୍ରକ୍ରିୟାରେ ନୋଟିସ୍ ପ୍ରଦାନ, ଶୁଣାଣି ଓ ଯାଞ୍ଚ କାର୍ଯ୍ୟ ଜାରି ରହିଛି ।ଜିଲ୍ଲାର ୪୩-ଭଣ୍ଡାରିପୋଖରୀ, ୪୪-ଭଦ୍ରକ, ୪୫-ବାସୁଦେବପୁର, ୪୬-ଧାମନଗର ଓ ୪୭-ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ମୋଟ ୨,୦୫,୪୬୮ଟି ନୋଟିସ୍ ଜେନେରେଟ୍ ହୋଇଛି। ଏଥିରୁ ୨,୦୫,୪୬୫ଟି ନୋଟିସ୍ ପ୍ରଦାନ କରାଯାଇଛି। ମାତ୍ର ୩ଟି ନୋଟିସ୍ ପ୍ରଦାନ ବାକି ରହିଛି ।ଏପର୍ଯ୍ୟନ୍ତ ୨,୦୪,୮୨୯ଟି ମାମଲାର ଶୁଣାଣି ସମାପ୍ତ ହୋଇଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସ୍ତରରେ ୧୭୮ଟି ମାମଲା ପେଣ୍ଡିଂ ରହିଛି ।ଯାଞ୍ଚ ପ୍ରକ୍ରିୟାରେ ୧,୧୪,୦୨୭ଟି ମାମଲା ଭେରିଫାଏଡ୍ ହୋଇଛି ଏବଂ ୯୦୪ଟି ମାମଲାର ଯାଞ୍ଚ ବାକି ରହିଛି। ଏଥିସହ ୩,୪୯୯ଟି ମାମଲା ଅନ୍ତିମ ପ୍ରକାଶନ ପାଇଁ ଅଯୋଗ୍ୟ ବୋଲି ଚିହ୍ନଟ ହୋଇଛି ।ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଓ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ସ୍ତରରେ ଅନ୍ତିମ ପ୍ରକାଶନ ପାଇଁ ୧୨,୧୧,୭୨୪ଟି ମାମଲା ପାର୍କ କରାଯାଇଛି ।ଏସ ଆଇ ଆର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପାଦନ କରିବା ସହ ନିର୍ଦ୍ଧାରିତ ସମୟସୀମାରେ କାର୍ଯ୍ୟ ସମାପ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିରନ୍ତର ତଦାରଖ କରାଯାଉଛି।

ଭତ୍ତା ଟଙ୍କା ଉଠାଣରେ ଆଙ୍ଗୁଠି ଟିପ ବାଧକ

କଞ୍ଚାମାଳ(ଭାସ୍କର ନ୍ୟୁଜ୍): ସରକାର ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବୁଢ଼ା ବୁଢ଼ୀ,ବିଧବା,ବିକଳାଙ୍ଗ ମାନଙ୍କ ପାଇଁ ପ୍ରତି ମାସରେ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ଏହି ଭତ୍ତା ଟଙ୍କା ହେଉଛି ସେମାନଙ୍କର ଏକମାତ୍ର ରୋଜଗାର କିମ୍ବା ସମ୍ପତ୍ତି କହିଲେ ଚଳେ। ଏହି ଭତ୍ତା ଟଙ୍କାରେ କାହାର ଚୁଲି ଜଳେ ତ କାହାର ମୁଖରେ ଆହାର ପଡ଼େ।ମାସକୁ ଥରୁଟିଏ ଭତ୍ତା ପାଇଗଲେ ପୁଣି ଆସନ୍ତା ମାସ ପର୍ଯ୍ୟନ୍ତ ଚାତକ ଭଳି ଅନାଇ ବସିଥାନ୍ତି ।କିନ୍ତୁ ଯେଉଁ ବୁଢାବୁଢୀଙ୍କର ଭତ୍ତା ଟଙ୍କା ବ୍ୟାଙ୍କ ମାଧ୍ୟମରେ ମିଳୁଛି ।ତାର ଦୁଃଖ କହିଲେ ନ ସରେ ।ହଜାରେ ଟଙ୍କା ପାଇଁ ବ୍ୟାଙ୍କ ଯିବାକୁ ହେଲେ କାହାକୁ ଅଟୋ ଭଡ଼ା କରି ଯିବାକୁ ପଡୁଛି ତ କାହାକୁ ନେବା ଆଣିବା ପାଇଁ କେହି ନାହାନ୍ତି ।ଏଥିରେ ବୁଢ଼ାବୁଢ଼ୀ ମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ଏହାର ସ୍ଥାୟୀ ପ୍ରତିକାର କରି ସମସ୍ୟାର ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ରାସ୍ତା ନିର୍ମାଣରେ ପାତରଅନ୍ତର, ଆନ୍ଦୋଳନ ଚେତାବନୀ

କଞ୍ଚାମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଞ୍ଚାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗବଯୋର ତେଲନଦୀ ଉପରେ ଏକ ବିଜୁସେତୁ ୨୦୧୫ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ସେତୁଟିର ନିର୍ମାଣ ଦାୟିତ୍ୱ ସୁବର୍ଣ୍ଣପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତର କରାଯାଇ ୨୦୧୮ ମସିହାରେ ସମ୍ପୂର୍ଣ୍ଣ ହେବାର ନିୟମ ଥିଲା ।କିନ୍ତୁ ତାହା ଅନେକ ବାଧାବିଘ୍ନ ଅତିକ୍ରମ କରି ୨୦୨୨ ମସିହା ଜୁଲାଇ ୩୧ ତାରିଖରେ ସମ୍ପୂର୍ଣ୍ଣ ହୋଇଥିଲା। ଅତି ବିଡ଼ମ୍ବନାର ବିଷୟ ଅଞ୍ଚଳବାସୀଙ୍କ ନୀରବତାର ଫାଇଦା ନେଇ ବାଲି ମାଫିଆ ମାନେ ଦିନ ରାତି ଏହି ସେତୁ ଉପରେ ହାଇୱା,ଟ୍ରାକ୍ଟର ସାହାଯ୍ୟରେ ବାଲି ଚୋରାଚାଲାଣ କରୁଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ,ଏହି ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କ କହିବା ଅନୁସାରେ,ଏହି ସେତୁ ଉପର ଦେଇ ବାଲି ବୋଝେଇ ହାଇୱା ଭଳି ଭାରିଯାନ ଯାଇପାରିବ ନାହିଁ ।ଯଦି ଯିବ ଅଳ୍ପ ଦିନ ମଧ୍ୟରେ ଏହି ସେତୁରେ ଫାଟ ସୃଷ ହେବ। ବାସ୍ତବରେ ସେତୁର ଅନେକ ସ୍ଥାନରେ ଫାଟ ଦେବା ସହ



ସେତୁର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀଙ୍କ ମନରେ ନାନା ଆଶଙ୍କା ସୃଷ୍ଟି ହେଉଛି। ଦୀର୍ଘ ବର୍ଷେ ଉପରେ ହେଲାଣି ଉଭୟ ପାର୍ଶ୍ୱରେ ଥିବା ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣର କାର୍ଯ୍ୟ ଯୋଗୁଁ ପିଚୁ ଉଠିଯାଇ ଖାଲଖମା ହୋଇଥିଲେ ସୁଦ୍ଧା ସୁବର୍ଣ୍ଣପୁର ଜିଲ୍ଲା ବୈଦ୍ୟନାଥ ପାର୍ଶ୍ୱର ସେତୁ ସଂଯୋଗୀ କରଣ ରାସ୍ତା ମରାମତି କରିଦେଇ ସୁବର୍ଣ୍ଣପୁର ଗ୍ରାମ୍ୟଉନ୍ନୟନ ସଂସ୍ଥା ହାତତେକି ବସିଥିବାବେଳେ ଗବଯୋର ପାର୍ଶ୍ୱର ରାସ୍ତା ମରାମତି କରାଯାଇ ନାହିଁ। ଯା ଫଳରେ ପ୍ରତ୍ୟେକ ଦିନ ଛୋଟ ମୋଟ ଦୁର୍ଘଟଣା ଘଟିବାର ନଜିର ରହିଛି ।ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗ କୌଣସି ପ୍ରକାର ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଖାମଖିଆଲି ମନୋଭାବ ଯୋଗୁଁ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଶିମିଳିପଦର ସରପଞ୍ଚ ସାର୍ଦୂଳ ନାଗ,ସମିତିସଭ୍ୟ ଚିତ୍ତ ରଞ୍ଜନ ସାହୁ, ନାଏବ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ସାଣ୍ଡ,ଅନଙ୍ଗ ପ୍ରଧାନ,ଯୁଗେ ମେହେର,ଲକ୍ଷ୍ମଣ ମେହେର ପ୍ରମୁଖ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଅତି ଶୀଘ୍ର ଏହି ଅପ୍ରୋଜ ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି ।

ସାହିତ୍ୟ ସଂସଦ ଆନୁକୂଲ୍ୟରେ ବର୍ଷା ସାହିତ୍ୟ ଆସର

ପାରାଦୀପ(ଭାସ୍କର ନ୍ୟୁଜ୍): ପାରାଦୀପର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦ ଓ ପାରାଦୀପ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ବର୍ଷା ସାହିତ୍ୟ ଆସର ଓ କବିତା ପାଠୋତ୍ସବ ନୂଆବଜାର ସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ସଭା ଗୃହରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସ୍ତମ୍ଭକାର ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କବୟିତ୍ରୀ ଗୋଲାପ ରାଣୀ ସାହୁ ଓ ମୁଖ୍ୟ ବକ୍ତା ଭାବେ କବି ଅନନ୍ତ କୁମାର ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପାରାଦୀପ ସାହିତ୍ୟ ସଂସଦ ସଭାନେତ୍ରୀ ତୁଳସୀ ବରାଳ ,ସମ୍ପାଦକ ପ୍ରଶାନ୍ତ କୁମାର ରାଉତ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ମୋନାଲିସା ସାହିତ୍ୟ ସଂସଦ ର ସମ୍ପାଦିକା ସଂଘମିତ୍ରା ସ୍ୱାଇଁ । ଏହି ଅବସରରେ ପ୍ରସିଦ୍ଧ ପାଲା ଗାୟକ ସ୍ୱର୍ଗତଃ ଜଗନ୍ନାଥ ବେହେରା ଓ ସଙ୍ଗୀତଜ୍ଞ ସ୍ୱର୍ଗତଃ ପ୍ରଣବ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଶୋକ ପ୍ରସ୍ତାବ ଆଗତ କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଆ ସାହିତ୍ୟରେ ବର୍ଷା ବର୍ଣ୍ଣନା ସମ୍ପର୍କରେ ନିମନ୍ତ୍ରିତ ଅତିଥିମାନେ ମୂଲ୍ୟବାନ ମନ୍ତବ୍ୟ ଦେଇଥିଲେ। କବି ପ୍ରେମ ଲତା ବାରିକ, ଧ୍ରୁବ ଚରଣ ମହାପାତ୍ର,ବାବାଜୀ ଚରଣ ନାୟକ, ଲଗ୍ନଜିତ ରାଉତ, ନଳିନୀ ପ୍ରଭା ସାହୁ, ଉର୍ମିଳା ମହାନ୍ତି, କୌଶଲ୍ୟା ମହାନ୍ତି, କଳ୍ପନା ବେହେରା, ଜ୍ୟୋସ୍ନା ଦାସ, ପ୍ରଭାସ ଚନ୍ଦ୍ର ସ୍ୱାଇଁ, ବେଶୁଧର ମିଶ୍ର, ନିମାଇଁ ମହାପାତ୍ର, ଚିତ୍ରସେନ ମହାନ୍ତି, ଚୁନି ଖୋଜି, ରଞ୍ଜନ କୁମାର ଲେଙ୍କା, ପୁଷ୍ପା ଦାସ ପ୍ରମୁଖ ସ୍ୱରଚିତ ବର୍ଷା କବିତା ପାଠ କରିଥିଲେ। କବିତା ସଂଯୋଜନା କରିଥିଲେ ବିଜୟ କୁମାର ନାୟକ।



ସାହାଯ୍ୟର ହାତ ବଢ଼ାଇଲା ଅର୍ଣ୍ଣବ ଫାଉଣ୍ଡେସନ



କାକଟପୁର(ଭାସ୍କର ନ୍ୟୁଜ୍): ଅସହାୟ ଓ ଆବଶ୍ୟକତାରେ ଥିବା ପରିବାରଙ୍କ ପାଖରେ ଠିଆ ହୋଇ ସାହାଯ୍ୟର ହାତ ବଢ଼ାଇଛି କାକଟପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅର୍ଣ୍ଣବ ଫାଉଣ୍ଡେସନ। ସଂଗଠନ ପକ୍ଷରୁ ବିଭିନ୍ନ ଆବଶ୍ୟକତା ଥିବା ପରିବାର ଓ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।ମାନବିକତା ଓ ସାମାଜିକ ଦାୟିତ୍ୱବୋଧକୁ ଆଧାର କରି ଅର୍ଣ୍ଣବ ଫାଉଣ୍ଡେସନ ପକ୍ଷରୁ ଏହି ସହାୟତା ପ୍ରଦାନ କରାଯାଇଥିବା ବେଳେ, ଅସହାୟଙ୍କ ଦୁଃଖ ଦୂର କରିବା ସହ ସେମାନଙ୍କ ଜୀବନରେ ଆଶାର ଆଲୋକ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି । ସମାଜର ଦୁର୍ବଳ ବର୍ଗଙ୍କୁ ସହଯୋଗ କରିବା, ଆବଶ୍ୟକ ସମୟରେ ପରିବାରଗୁଡ଼ିକର ପାଖରେ ଛିଡ଼ା ହେବା ଏବଂ ମାନବିକତାର ବାର୍ତ୍ତା ପହଞ୍ଚାଇବା ଦିଗରେ ଫାଉଣ୍ଡେସନର ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। ଏହି ଅବସରରେ ଅର୍ଣ୍ଣବ ଫାଉଣ୍ଡେସନ ଟିମ ପକ୍ଷରୁ ଦହିଖିଆ ଗ୍ରାମର ନାରାୟଣ ଦାସ ଲିଭର ଜଣ୍ଡିସ ରେ ଆକ୍ରାନ୍ତ ଥିବା ଜାଣି ତାଙ୍କ ପାଖରେ ପହଞ୍ଚି ୨ ହଜାର ନଗଦ ରାଶି ସହିତ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ ଏହିପରି କାହାଳ ଗ୍ରାମର ସ୍ୱର୍ଗତ ନିହାର ରଞ୍ଜନ ଦାସ ଙ୍କ ଶୁଦ୍ଧିକ୍ରିୟା ପାଇଁ ୨୦ ହଜାର, ସ୍ୱର୍ଗତ ପ୍ରଦୀପ କୁମାର ଦାଶଙ୍କ ଶୁଦ୍ଧିକ୍ରିୟା ପାଇଁ ୧୨ ହଜାର ୫ ଶହ ଟଙ୍କା,ସ୍ୱର୍ଗତ ରାଧୁ ଦାଶ ଙ୍କ ଶୁଦ୍ଧିକ୍ରିୟା